ପ୍ରେସ୍ ନୋଟ୍

## ନାଲ୍କୋର ଉତ୍କଳ କୋଇଲା ଇ ବ୍ଲକ୍ ପାଇଁ ପ୍ରଥମ ସବ୍ କମିଟି ବୈଠକ ଅନୁଷ୍ଠିତ ।
## ପୁନଃର୍ବାସ ଓ ଥଇଥାନ ଯୋଜନା ସମ୍ପର୍କରେ ଆଲୋଚନା ।

ଅନୁଗୋଳ,ତା.୧୭.୯:- ଉତ୍କଳ କୋଇଲା ଇ ବ୍ଲକ୍ର ପ୍ରଥମ ସବ୍ କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିସ୍ଥାପିତ ଓ ଥଇଥାନ କଲୋନୀ ପାଇଁ ୬୭.୨୭ ଏକର ଜମି ଅଧିଗ୍ରହଣ ମଧ୍ୟରୁ ୫୪.୨୦ ଏକର ସରକାରୀ ଜମି ଓ ୧୩.୦୭ ଏକର ଘରୋଇ ଜମି ଅଟେ । ୨୦୨୧ ମସିହା ଅନୁସଂଧାନ ତଥ୍ୟ ଅନୁଯାୟୀ ଏଥିରେ ପ୍ରକଳ୍ପ ବାସଚ୍ୟୁତ ୫୦୭ଟି ପରିବାର ଥିବାବେଳେ ପ୍ରକଳ୍ପ ପ୍ରଭାବିତ ପରିବାର ୯୭୯ଟି ରହିଛନ୍ତି । ଅଧିଗ୍ରହଣ ହୋଇଥିବା ଜମିରେ ବାସଚ୍ୟୁତ ପରିବାରମାନଙ୍କ ପାଇଁ ବ୍ୟକ୍ତିଗତ ବାସଗୃହ , ମାର୍କେଟ କମ୍ପ୍ଲେକ୍ସ, ବିଦ୍ୟାଳୟ,ଗୋଷ୍ଠୀ କେନ୍ଦ୍ର,ସ୍ୱାସ୍ଥ୍ୟ କେନ୍ଦ୍ର, ମନ୍ଦିର,ପୁଷ୍କରଣୀ ଓ ବିଦ୍ୟୁତ୍ ସବ୍ ଷ୍ଟେସନ ଆଦି ନିର୍ମାଣ କରାଯିବ । ପ୍ରକଳ୍ପ ବାସଚ୍ୟୁତ ପରିବାର ତାଲିକାକୁ ଜିଲ୍ଲା ପ୍ରାଧିକରଣ, ନାଲ୍କୋ ଓ ଗ୍ରାମ୍ୟ କମିଟି ଦ୍ୱାରା ଅପଡେଟ୍ କରାଯିବ । ପ୍ରତ୍ୟେକ ବ୍ୟକ୍ତିଗତ ବାସଗୃହକୁ କଣ୍ଟାବାଡ ଦ୍ୱାରା ଆବଦ୍ଧ କରାଯିବ । ଅଧିଗ୍ରହଣ ଜାଗାରେ ୪୫୦ଟି ବାସଗୃହ ନିର୍ମାଣ କରାଯିବ । ବଳକା ରହିଯାଇଥିବା ପ୍ରକଳ୍ପ ବାସଚ୍ୟୁତ ପରିବାରକୁ ସେମାନଙ୍କ ନିଜ ପସନ୍ଦରେ ୧୦ ଡେସିମିଲ ଯାଗା ଓ ଘର ବଦଳରେ ଆର୍ଥିକ କ୍ଷତିପୂରଣ ଦିଆଯିବ । ୨୦୦୬ ମସିହା ଥଇଥାନ ଓ ବିସ୍ଥାପିତ ନୀତି ଅନୁଯାୟୀ ପ୍ରତ୍ୟେକ ବାସଚ୍ୟୁତ ପରିବାରକୁ ନାଲ୍କୋ ତରଫରୁ ଏକକାଳିନ ୨୦ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ଦିଆଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହାଛଡା ଏହି ବୈଠକରେ ଗୃହ ନିର୍ମାଣ ସହାୟତା ବାବଦରେ ୮ ଲକ୍ଷ ଟଙ୍କା , ଅସ୍ଥାୟୀ ଗୃହ ନିର୍ମାଣ ସହାୟତା ବାବଦରେ ୧୮ ହଜାର ୨୦୦ ଟଙ୍କା, ଭରଣପୋଷଣ ଭତ୍ତା ବାବଦରେ (ଏକ ବର୍ଷ ପାଇଁ) ମାସିକ ୫ ହଜାର ଟଙ୍କା ଲେଖାଏଁ ୬୦ ହଜାର ଟଙ୍କା ଓ ପରିବହନ ଖର୍ଚ୍ଚ ବାବଦରେ ପ୍ରତ୍ୟେକ ବାସଚ୍ୟୁତ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ସେହିପରି ନାଲ୍କୋ ଦ୍ୱାରା ପ୍ରକଳ୍ପ ବାସଚ୍ୟୁତ ପରିବାର ପାଇଁ ପ୍ରସ୍ତାବିତ ଥଇଥାନ ଯୋଜନାରେ ଏକକାଳିନ ପୁନଃର୍ବସତି ଭତ୍ତା

ବାବଦରେ ୫୦ ହଜାର ଟଂକା ଲେଖାଏଁ ପ୍ରଦାନ କରାଯିବ । ଏକକାଳିନ ରୋଷେଇ ବଗିଚା ପାଇଁ ୩ ହଜାର ଟଂକା, ଏକକାଳିନ ଅତିରିକ୍ତ ପ୍ରୋତ୍ସାହନ ଆଗୁଆ ଘର ଛାଡିଲେ ସେମାନଂକୁ ୯୩ ହଜାର ୮୦୦ ଟଂକା , ଗୁହାଳ ନିର୍ମାଣ ନିମନ୍ତେ ୨୫ ହଜାର ଟଂକା ପ୍ରଦାନ କରାଯିବ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଂକୁ ସ୍ୱାଗତ ଜଣାଇବା ସହ କୁଣ୍ଡାଝରି ଗ୍ରାମରୁ ଆସିଥିବା ଗ୍ରାମବାସୀମାନଂକୁ ଉତ୍କଳ କୋଇଲା ଇ ବ୍ଲକର ଥଇଥାନ ସମ୍ପର୍କରେ ଅବଗତ କରାଇଥିଲେ । ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇଦୁରା ଦିପ୍ ନାଲ୍କୋ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିସ୍ଥାପିତ ଓ ଥଇଥାନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଲଳିତ ମୋହନ ବେହେରା, ନାଲକୋର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅମ୍ବିକା ପ୍ରସାଦ ପଣ୍ଡା, ନିର୍ଦ୍ଦେଶକ (ପି ଆଣ୍ଡ ଟି) ଶ୍ରୀ ମାନସ ପ୍ରସାଦ ମିଶ୍ର, ଜି ଜି ଏମ୍( ଏଚ୍ ଆଣ୍ଡ ଏ) ଶ୍ରୀ ସତ୍ୟାନନ୍ଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୪୫ ତା.୧୭.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।

